# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**21 April – 2025**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସିଭିଲ୍ ସର୍ଭିସ୍ ଦିବସ ଉପଲକ୍ଷେ  ଦେଶର ସିଭିଲ୍ ସର୍ଭିସ୍ ଅଧିକାରୀମାନଙ୍କୁ ସମ୍ବୋଧିତ କରିବେ। ୧୭ତମ ସିଭିଲ୍ ସର୍ଭିସ୍ ଦିବସ ପାଳନ ଅବସରରେ ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନିତ କରିବେ। ଜିଲ୍ଲାର ସାମଗ୍ରୀକ ବିକାଶ, ବ୍ଲକସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ, ନବସୃଜନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ପୁସ୍ତକ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି।

ସିଭିଲ ସର୍ଭିସ ଦିବସ ଅବସରରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଏକ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହେବ ।

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁରଠାରେ ଜନଅଭିଯୋଗ ଶୁଣାଣି କରିବେ । ଦୁର୍ଗାପାଲିସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀଙ୍କ ଶିବିରରେ ମୋଟ୍ ୧

ହଜାର ଲୋକଙ୍କର ଅଭିଯୋଗ ଶୁଣାଣି କରାଯିବ। ଜନ ଅଭିଯୋଗ ଶୁଣାଣି ପାଇଁ ସମ୍ବଲପୁରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**V/O-**

# ଜଳଶକ୍ତି ଅଭିଯାନ

ଜଳଶକ୍ତି ଅଭିଯାନ 'କ୍ୟାଚ୍ ଦ ରେନ୍' ୨୦୨୫ ଅଧୀନରେ ରାଜ୍ୟରେ ୨ଲକ୍ଷ ୬୦ହଜାର ୭୦୫ଟି କୃତ୍ରିମ ରିଚାର୍ଜ ଷ୍ଟ୍ରକ୍ଚର ନିର୍ମାଣ କରାଯିବ । ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି । ଏଥିରେ କୃତ୍ରିମ ରିଚାର୍ଜ ଷ୍ଟ୍ରକ୍ଚର ଜରିଆରେ ଜଳ ରିଚାର୍ଜ ବଢ଼ାଇବା ପାଇଁ ଗୁରୁତ୍ୱ ଦିଆଯିବ । ପ୍ରତ୍ୟେକଟି ଗ୍ରାମରେ ଅତିକମ୍‌ରେ ୫ଟି ଓ ମହାନଗର ନିଗମରେ ୧୦ହଜାରଟି କୃତ୍ରିମ ରିଚାର୍ଜ ଷ୍ଟ୍ରକ୍ଚର ନିର୍ମାଣ କରାଯିବ । ରାଜ୍ୟର ୩୦ଟି ଜିଲ୍ଲାରେ ୮ହଜାର ୨୮୭ଟି ଭୂ-ଜଳ ରିଚାର୍ଜ ଷ୍ଟ୍ରକ୍ଚର ତଥ୍ୟ ଜଳଶକ୍ତି ଅଭିଯାନ ପୋର୍ଟାଲରେ ଅପ୍‌ଲୋଡ ହୋଇଥିବା ଜଣାପଡିଛି ।

# ପଇତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର

ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମଙ୍ଗଳବାର ଦିନ ମହାପ୍ରଭୁଙ୍କର ରାମାଭିଷେକ ନୀତି କରାଯିବା ସହ ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହିସବୁ ବିଶେଷ ନୀତି ସମ୍ପାଦନକୁ ଦୃଷ୍ଟିରେ ରଖି ଆଜିଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୪ ଦିନ ପାଇଁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ବନ୍ଦ ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଓୟୁଏଟି ନାମଲେଖା ପ୍ରକ୍ରିୟା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓୟୁଏଟିର ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟ ଅଧୀନରେ ୧୦ଟି କଲେଜରେ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ନାମଲେଖା ପାଇଁ ଆବେଦନ କରିପାରିବେ । **ouat.ac.in** ରେ ଅଧିକ ତଥ୍ୟ ଉପଲବ୍ଧ ହେଉଛି ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତାଲୁକ୍ ଆଇନ୍‌ସେବା କମିଟି ପକ୍ଷରୁ ଗାଏଗଣ୍ଡାସ୍ଥିତ ଗ୍ରାମବିକାଶ ବିଦ୍ୟାବିହାର ପରିସରରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ନୂତନ ଭାରତୀୟ ନ୍ୟାୟ ସଂହିତା ଶିଶୁ ଅଧିକାର ସମ୍ପର୍କିତ ଆଲୋଚନା ହୋଇଥିଲା ।

# କଳିଙ୍ଗ କପ୍ ଫୁଟବଲ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଗତକାଲି କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଏବଂ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ବିଜୟୀ ହୋଇଛି । ଆଜି ଅପରାହ୍ଣ ୪ଟା ୩୦ ମିନିଟ୍‌ରେ ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଗୋକୁଲମ୍ କେରଳ ଏଫ୍‌ସି ଏବଂ ଗୋଆ ଏଫ୍‌ସି ତଥା ରାତି ୮ଟାରେ ତୃତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଏଫ୍‌ସି ଏବଂ ପଞ୍ଜାବ ଏଫ୍‌ସି ମଧ୍ୟରେ ମୁକାବିଲା ହେବ । ଗତକାଲି ଉଦ୍‌ଘାଟନୀ ସମାରୋହ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ ।

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କିଛିଦିନ ଧରି ତାପମାତ୍ରା ହ୍ରାସ ପାଇଥିଲା । ତେବେ ଗତକାଲି ୧୧ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ରହିଥିବା ରେକର୍ଡ କରାଯାଇଛି । ଗତକାଲି ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୩ ଦଶମିକ ୫ ଓ ବଲାଙ୍ଗୀରରେ ୪୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ ଆସନ୍ତା ୨୪ ଓ ୨୫ ତାରିଖ ବେଳକୁ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।